TPNODL

ଟିପି ନର୍ଦର୍ଣ୍ଣ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

# ପିଏମ ସୂର୍ଯ୍ୟ ଘର ମୁଫ୍ତ ବିଜିଳି ଯୋଜନା ସମ୍ପର୍କରେ ବାରମ୍ବାର ପଚରାଯାଇଥିବା ପ୍ରଶ୍ନ

**ପ୍ରଶ୍ନ : ପିଏମ ସୂର୍ଯ୍ୟ ଘର ଯୋଜନା ପାଇଁ କିପରି ଆବେଦନ କରିବେ?**

**ଉତ୍ତର:** ଉପଭୋକ୍ତାମାନେ www.pmsuryaghar.gov.in ୱେବସାଇଟ ମାଧ୍ୟମରେ ସମସ୍ତ ସୂଚନା ପାଇବା ସହ ଆବେଦନ କରି ପାରିବେ। ଟିପିଏନଓଡ଼ିଏଲ ଗ୍ରାହକ ସେବା ନମ୍ବର 1800 -3456 -718 / 1912ରେ ମଧ୍ୟ ଯୋଗାଯୋଗ କରି ଏ ସମ୍ପର୍କିତ ସୂଚନା ପାଇପାରିବେ।

**ପ୍ରଶ୍ନ : ପିଏମ ସୂର୍ଯ୍ୟ ଘର ଯୋଜନା ଅଧୀନରେ ସବସିଡି ପାଇବା ପାଇଁ କିଏ ଯୋଗ୍ୟ ଅଟନ୍ତି?**

**ଉତ୍ତର:** ଟିପିଏନ୍ଓଡିଏଲର ଯେକୌଣସି ଘରୋଇ ଉପଭୋକ୍ତା ଏହି ଯୋଜନା ପାଇଁ ଆବେଦନ କରିପାରିବେ ଏବଂ ତାଙ୍କର କୌଣସି ବକେୟା ବିଦ୍ୟୁତ୍ ଦେୟ ନଥିବା ଆବଶ୍ୟକ।

**ପ୍ରଶ୍ନ : ଘରର ମଞ୍ଜୁରୀ କ୍ଷମତା ଠାରୁ ଅଧିକ କ୍ଷମତାର ସୌର ପ୍ୟାନେଲ ସ୍ଥାପନ ପାଇଁ ଆବେଦନ ହୋଇପାରିବ କି ?**

**ଉତ୍ତର:** ହଁ,ଏଥିପାଇଁ ଉପୋଭୋକ୍ତାଙ୍କୁ ନିଜ ଘରର ବିଦ୍ୟୁତ୍ ସଂଯୁକ୍ତ ଲୋଡ୍ ବୃଦ୍ଧି କରିବାକୁ ହେବ।

**ପ୍ରଶ୍ନ : ଏକ ଅନ-ଗ୍ରୀଡ ସୌର ପ୍ୟାନେଲ ସ୍ଥାପନ କରିବା ପାଇଁ କେତେ ସ୍ଥାନ ଆବଶ୍ୟକ ?**

**ଉତ୍ତର:** ସାଧାରଣତଃ ୧ କିଲୋୱାଟ ବିଶିଷ୍ଟ ସୋଲାର ପ୍ଲାଣ୍ଟ ସ୍ଥାପନ କରିବାପାଇଁ ପାଖାପାଖି ୧୦୦ ବର୍ଗ ଫୁଟ୍ ର ସ୍ଥାନ ଆବଶ୍ୟକ। କିଲୋୱାଟ ଅନୁଯାୟୀ ଆବଶ୍ୟକୀୟ ସ୍ଥାନ ବୃଦ୍ଧି ପାଇବ।

**ପ୍ରଶ୍ନ : ପିଏମ ସୂର୍ଯ୍ୟ ଘର ଯୋଜନା ପାଇଁ ଆବେଦନ କରିବା ନିମନ୍ତେ କେଉଁ ସବୁ ଦସ୍ତାବିଜ(ଡକୁମେଣ୍ଟ) ଆବଶ୍ୟକ ?**

**ଉତ୍ତର:** ବର୍ତ୍ତମାନର ବିଦ୍ୟୁତ୍ ବିଲ୍ , ବ୍ୟାଙ୍କ ବିବରଣୀ ଏବଂ ଆବେଦନକାରୀଙ୍କ ନାମରେ ଥିବା ପାସ୍ ବୁକ୍/ଚେକ୍ ବୁକ୍ ଆବଶ୍ୟକ ଅଟେ।

**ପ୍ରଶ୍ନ : ସୋଲାର ପ୍ଲାଣ୍ଟ କିପରି ସ୍ଥାପନ କରାଯିବ ?**

**ଉତ୍ତର:** ଉପଭୋକ୍ତା ପିଏମ ସୂର୍ଯ୍ୟ ଘର ପୋର୍ଟାଲରେ ଟିପିଏନଓଡ଼ିଏଲ ସହ ପଞ୍ଜିକୃତ ଠିକାଦାରଙ୍କ(contractor) ମାଧ୍ୟମରେ ସୋଲାର ପ୍ଲାଣ୍ଟ ସ୍ଥାପନ କରିପାରିବେ।

**ପ୍ରଶ୍ନ : ଏକ ଅନ-ଗ୍ରୀଡ ସୋଲାର କିପରି କାର୍ଯ୍ୟ କରେ?**

**ଉତ୍ତର:** ସୌର ପ୍ୟାନେଲ ସୂର୍ଯ୍ୟାଲୋକକୁ ବ୍ୟବହାର କରି ବିଦ୍ୟୁତ୍ ପ୍ରସ୍ତୁତ କରିଥାଏ ଏବଂ ସ୍ଥାପିତ ସୌର ପ୍ୟାନେଲକୁ ନେଟ୍ ମିଟରିଂ ବ୍ୟବସ୍ଥା ମାଧ୍ୟମରେ ଗ୍ରିଡ୍ ସହ ସଂଯୋଗ କରାଯାଇଥାଏ। ଏହି ବ୍ୟବସ୍ଥା ଅନୁଯାୟୀ ଉତ୍ପାଦିତ ସୌର ଶକ୍ତି ଦିନରେ ବ୍ୟବହାର କରାଯାଏ ଏବଂ ବଳକା ଗ୍ରିଡ୍ କୁ ଫେରିଯାଏ। ସୌର ପ୍ୟାନେଲରୁ ଉତ୍ପାଦିତ ଓ ବ୍ୟବହାର ବିଦ୍ୟୁତ୍ ଶକ୍ତି ଏବଂ ଗ୍ରୀଡରୁ ବ୍ୟବହାର କରାଯାଇଥିବା ବିଦ୍ୟୁତ୍ ଶକ୍ତିକୁ ଭିତ୍ତି କରି ନେଟ୍ ମିଟରିଂ ଦ୍ୱାରା ଉପଭୋକ୍ତା ବିଦ୍ୟୁତ୍ ଦେୟ ପଇଠ କରନ୍ତି। ଯାହାର ପରିମାଣ ଖୁବ କମ୍ ଥାଏ।

**ପ୍ରଶ୍ନ : ରୁଫଟପ୍ ସୋଲାର ( ଆରଟିଏସ) ସ୍ଥାପନ ପାଇଁ କେତୋଟି ମିଟର ଆବଶ୍ୟକ ?**

**ଉତ୍ତର:** ଏଥିପାଇଁ ନେଟ୍ ମିଟର ଏବଂ ଜେନେରେସନ୍ ମିଟର, ଦୁଇଟି ସ୍ଥାପନ କରାଯାଇଥାଏ। ଯଦି ଉପୋଭୋକ୍ତାଙ୍କର ସ୍ମାର୍ଟ ମିଟର ପୂର୍ବରୁ ଥିବ, ତେବେ କେବଳ ଜେନେରେସନ୍ ମିଟର ସ୍ଥାପନ କରାଯିବ।

**ପ୍ରଶ୍ନ : ଓଡ଼ିଶାରେ ଏକ ଅନ-ଗ୍ରୀଡ ସୌର ପ୍ରଣାଳୀ କେତେ ବିଦ୍ୟୁତ୍ ଉତ୍ପାଦନ କରିପାରିବ ?**

**ଉତ୍ତର:** ଏକ ଅନ-ଗ୍ରୀଡ ସୌର ପ୍ରଣାଳୀ ଦ୍ୱାରା ଉତ୍ପାଦିତ ବିଦ୍ୟୁତ୍ ପରିମାଣ ସିଷ୍ଟମର ଆକାର, ଉପାଦାନ ଗୁଡ଼ିକର ଗୁଣବତ୍ତା ଏବଂ ପ୍ରାପ୍ତ ସୂର୍ଯ୍ୟକିରଣର ପରିମାଣ ଅନୁଯାୟୀ ଭିନ୍ନ ହୋଇପାରେ। ତେବେ ଅନୁକୂଳ ପାଗରେ ଦୈନିକ କିଲୋୱାଟ୍ ପିଛା ପାଖାପାଖି ୪ ୟୁନିଟ୍ ବିଦ୍ୟୁତ୍ ଉତ୍ପାଦନ ହୋଇପାରିବ।

**ପ୍ରଶ୍ନ : ଅନଗ୍ରୀଡ୍ ଆରଟିଏସ୍ ସ୍ଥାପନ ପାଇଁ କୌଣସି ଋଣ ସୁବିଧା ଅଛି କି?**

**ଉତ୍ତର:** ହଁ, ଓଡ଼ିଶାରେ ଏକ ଅନ-ଗ୍ରୀଡ ସୌର ପ୍ୟାନେଲ ସ୍ଥାପନ ପାଇଁ ବ୍ୟାଙ୍କ ଋଣ ମାଧ୍ୟମରେ ବିଭିନ୍ନ ଋଣ ବ୍ୟବସ୍ଥା ଉପଲବ୍ଧ ଅଛି।